# ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ, ୨୦୦୫

# ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ୍, ୨୦୦୫
# ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ

**୧. ପାରିବାରିକ ହିଂସା କହିଲେ କ'ଣ ବୁଝାଏ ?**

ପାରିବାରିକ ସଂପର୍କୀୟ କୌଣସି ମହିଳା ବା ଶିଶୁ (ଏକତ୍ର ବାସକରୁଥିବା, ବିବାହିତ ଅଥବା ଅବିବାହିତା)ଙ୍କ ପ୍ରତି ଅବହେଳା ବା ଦୁର୍ବ୍ୟବହାର ପ୍ରଦର୍ଶନ ଦ୍ୱାରା ମାନସିକ କ୍ଷତି ହେଉଥିଲେ କିମ୍ବା ଭବିଷ୍ୟତରେ ସ୍ୱାସ୍ଥ୍ୟ, ସୁରକ୍ଷା ଓ ମାନସିକ ହାନି ହେବାର ସମ୍ଭାବନା ଥିଲେ ତାହା ପାରିବାରିକ ହିଂସା ଭାବେ ବିବେଚନା କରାଯାଏ ।

**୨. ପାରିବାରିକ ହିଂସା ସୁରକ୍ଷା ଆଇନ୍ ୨୦୦୫, କେବେଠାରୁ କାର୍ଯ୍ୟକାରୀ ହୋଇଛି ?**

ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫, ୨୬ ଅକ୍ଟୋବର ୨୦୦୬ ରୁ କାର୍ଯ୍ୟକାରୀ ହୋଇଛି ।

**୩. ପାରିବାରିକ ହିଂସା ସୁରକ୍ଷା ଆଇନ ଅନୁସାରେ କେଉଁ ପ୍ରକାର ବ୍ୟବହାର ଗୁଡ଼ିକ ମହିଳାମାନଙ୍କ ଉପରେ ଅତ୍ୟାଚାର ଭାବେ ବିବେଚିତ କରାଯାଇଅଛି ।**

- ଶାରୀରିକ ନିର୍ଯ୍ୟାତନା
- ଯୌନ ନିର୍ଯ୍ୟାତନା
- ବାକ୍ ଓ ମାନସିକ ନିର୍ଯ୍ୟାତନା
- ଆର୍ଥିକ ନିର୍ଯ୍ୟାତନା

**୪. ସାମାଜିକ ଆଇନ ହିସାବରେ ପାରିବାରିକ ହିଂସା ସୁରକ୍ଷା ଆଇନରେ କି କି ସୁବିଧା ଅଛି ?**

ସାମାଜିକ ଆଇନ ସାଧାରଣ ଭାବରେ ଅତ୍ୟାଚାରିତ ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ କିନ୍ତୁ ଏହା ଅତ୍ୟାଚାରୀଙ୍କୁ ଦଣ୍ଡ ଦେବା ପାଇଁ ଉଦ୍ଦିଷ୍ଟ ନୁହେଁ । ପାରିବାରିକ ହିଂସା ସୁରକ୍ଷା ଆଇନରେ ମହିଳାମାନେ ପୋଲିସ ବା ଓକିଲ ଉପରେ ନିର୍ଭର କରିବାର ଆବଶ୍ୟକତା ନାହିଁ । ମହିଳାମାନେ ସିଧାସଳଖ ନ୍ୟାୟାଳୟକୁ ଆବେଦନ କରିପାରିବେ, ସୁରକ୍ଷା ଆଦେଶ ଭଙ୍ଗ (ଯାହା ଏକ ଦଣ୍ଡନୀୟ ଅପରାଧ) ବ୍ୟତିରେକ ଏହି ଆଇନ ବଳରେ କାହାକୁ ଗିରଫ କରାଯାଇ ପାରିବ ନାହିଁ ।

**୫. ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ ରେ କେଉଁମାନେ ଉପକୃତ ହେବେ ?**

- ସେ ସମସ୍ତ ମହିଳା ଯେଉଁମାନେ ଘରେ ଅତ୍ୟାଚାରୀ ସହ ରକ୍ତ ସଂପର୍କ ବୈବାହିକ ସଂପର୍କ, ପୋଷ୍ୟ ବା ବିବାହ ଭଳି ଅନ୍ୟ ସଂପର୍କ (ଏକାଠି ରହୁଥିବା ସଂପର୍କ)ରେ ରହୁଥିବେ ତଥା ବିଧବା ଓ ଶିଶୁମାନେ ଏହି ଆଇନ ପରିସରର ଅନ୍ତର୍ଭୁକ୍ତ ହେବେ ।

- ଯୌଥ ପରିବାରରେ ରହୁଥିବା ପରିବାରର ସଦସ୍ୟ(ଉଭୟ ପୁରୁଷ ଓ ମହିଳା) ମଧ୍ୟ ଏହି ଆଇନ ପରିସର ଅନ୍ତର୍ଭୁକ୍ତ।
- ବୈବାହିକ ସଂପର୍କ ପରିସର ମଧ୍ୟରେ ବିବାହ ଓ ଏକାଠି ରହୁଥିବା ସଂପର୍କ ଅନ୍ତର୍ଭୁକ୍ତ। ଏହା ସ୍ତ୍ରୀ ଏବଂ ଏକାଠି ରହୁଥିବା ମହିଳା ଯୌନ ସାଥୀଙ୍କୁ ମଧ୍ୟ ପ୍ରଜୁଯ୍ୟ।

## ୬. କୌଣସି ମହିଳା ପି.ଡବ୍ଲ୍ୟୁ.ଡି.ଭି. ଆଇନ ସହିତ ଅନ୍ୟ ଆଇନଗୁଡ଼ିକ ବ୍ୟବହାର କରି ପାରିବେ କି ?

ହଁ, ପି.ଡବ୍ଲ୍ୟୁ.ଡି.ଭି. ଆଇନ ଅନ୍ୟ ଆଇନଗୁଡ଼ିକୁ ବିସ୍ଥାପନ ବା ମୂଲ୍ୟହୀନ କରିନଥାଏ, ଧାରା ୨୬(୨)ର ସହାୟତା ନେଉଥିବା ମହିଳାମାନେ ଦେୱାନୀ ଓ ଫୌଜଦାରୀ ଅଦାଲତରେ ବିଚାରାଧିନ ମକଦ୍ଦମା ସହିତ ପି.ଡବ୍ଲ୍ୟୁ.ଡି.ଭି.ର ପୂର୍ଣ୍ଣ ସହାୟତା ନେଇ ପାରିବେ। ଏହି ସହାୟତା ଧାରା ୪୯୮ (କ) ଅନ୍ତର୍ଗତ ବିବାହ ବିଚ୍ଛେଦ କିମ୍ବା ଅଧିକାର ସାବ୍ୟସ୍ତ ନିମନ୍ତେ ମକଦ୍ଦମା ଚାଲିଥିଲେ କିମ୍ବା ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଜୁଯ୍ୟ।

## ୭. କେଉଁମାନେ ପାରିବାରିକ ହିଂସା ସୁରକ୍ଷା ଆଇନ୍ ଅନ୍ତର୍ଗତ ଏତଲା ଦାୟର କରିପାରିବେ ?

ନିମ୍ନୋକ୍ତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପାରିବାରିକ ହିଂସା ସୁରକ୍ଷା ଆଇନ, ୨୦୦୫ ରେ ଅଭିଯୋଗ ଦିଆଯାଇ ପାରିବ।

- ଘରୋଇ ହିଂସାର ଶିକାର ହେଉଥିବା ମହିଳା
- ସୁରକ୍ଷା ପ୍ରଦାନକାରୀ ପଦାଧିକାରୀ
- ପୋଲିସ ଅଧିକାରୀ
- ଘରୋଇ ହିଂସାର ଶିକାର ହୋଇଥିବା ମହିଳାଙ୍କ ତରଫରୁ ଅନ୍ୟ ଯେ କୌଣସି ବ୍ୟକ୍ତି (ପଡ଼ୋଶୀ, ପୀଡିତା ମହିଳାଙ୍କ ଶୁଭଚିନ୍ତକ, ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧି)

## ୮. ଘରୋଇ ହିଂସାରେ ଶିକାର ହୋଇଥିବା ମହିଳା କାହାକୁ ଆବେଦନ କରିପାରିବେ ?

ଘରୋଇ ହିଂସା ପରିସ୍ଥିତିରେ ପୀଡିତା ନିମ୍ନୋକ୍ତ ବ୍ୟକ୍ତିବିଶେଷଙ୍କୁ ଆବେଦନ କରିପାରିବେ।

- ସୁରକ୍ଷା ପ୍ରଦାନକାରୀ ଅଧିକାରୀ (ସରକାରଙ୍କ ଦ୍ୱାରା ଚିହ୍ନିତ)
- ସେବା ପ୍ରଦାନକରୀ (ସରକାରୀଙ୍କ ଦ୍ୱାରା ଚିହ୍ନିତ)
- ପୋଲିସ୍ ଅଧିକାରୀ
- ମାଜିଷ୍ଟ୍ରେଟ୍

## ୯. ପାରିବାରିକ ହିଂସା ସୁରକ୍ଷା ଆଇନ, ୨୦୦୫ ଆଇନ ଅନୁସାରେ ପାରିବାରିକ ହିଂସାର ଶିକାର ହୋଇଥିବା ମହିଳା କାହା ବିରୁଦ୍ଧରେ ଅଭିଯୋଗ କରିବେ ?

ପି.ଡବ୍ଲ୍ୟୁ.ଡି.ଭି. ଆଇନ ୨୦୦୫ ଅନୁସାରେ ପାରିବାରିକ ହିଂସାର ଶିକାର ହୋଇଥିବା ଯେ କୌଣସି ମହିଳା, ତାଙ୍କ ବିରୁଦ୍ଧରେ ହୋଇଥିବା ଏହି ହିଂସାରେ ଯେକୌଣସି ପ୍ରକାରରେ ଜଡ଼ିତ ଥିବା ବ୍ୟକ୍ତି ଯଥା ତାଙ୍କ ସ୍ୱାମୀ ବା ପୁରୁଷ ସହଭାଗୀ ବନ୍ଧୁ କିମ୍ବା ସେମାନଙ୍କର ପୁରୁଷ ଓ ମହିଳା ସଂପର୍କୀୟମାନଙ୍କ ବିରୁଦ୍ଧରେ ଅଭିଯୋଗ କରିପାରିବେ।

## ୧୦. ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ ଅନ୍ତର୍ଗତ ସାମାଜିକ ହିଂସାର ଶିକାର ଯେ କୌଣସି ମହିଳା ନିଜର ଏତଲା ସିଧାସଳଖ ମାଜିଷ୍ଟ୍ରେଟଙ୍କୁ ଆବେଦନ କରି ପାରିବେ କି ?

ହଁ, ଘରୋଇ ହିଂସାର ଶିକାର ହୋଇଥିବା ମହିଳା ଏକ ଦରଖାସ୍ତ ସହିତ ମାଜିଷ୍ଟ୍ରେଟଙ୍କୁ ସିଧାସଳଖ ଆବେଦନ କରି

ପାରିବେ କିମ୍ବା ମାଜିଷ୍ଟ୍ରେଟ ସ୍ଥାନୀୟ ସୁରକ୍ଷା ପ୍ରଦାନକାରୀ ଅଧିକାରୀ ଓ ପି.ଡବ୍ଲ୍ୟୁ.ଡି.ଭି. ଆଇନ ୨୦୦୫ ଅନ୍ତର୍ଗତ ଅନ୍ୟ ସେଇଭଳି କାର୍ଯ୍ୟ କରୁଥିବା ସଂସ୍ଥାକୁ ନେଇ ପ୍ରକ୍ରିୟା ଆରମ୍ଭ କରିପାରିବେ।

## ୧୧.ଭାଗିଦାରୀ ଘର କ'ଣ ?

ଯେଉଁ ଘରେ ପୁରୁଷ ସହିତ ବା ତାର ପରିବାର ସହିତ ସ୍ତ୍ରୀ ଲୋକ ପାରିବାରିକ ସଂପର୍କରେ ରହିଥାଏ ବା ରହିବାକୁ ଆଶା କରୁଥାଏ (ଧାରା) ୨ ଏ.ଫ୍) ତାହାକୁ ଏହି ଆଇନ ଅନ୍ତର୍ଗତ ଭାଗିଦାର ଘର କୁହାଯାଏ। ଘରଟି ମହିଳା ବା ପୁରୁଷଙ୍କର ମାଲିକାନା ସତ୍ତ୍ୱରେ ଥିବା କି ନଥିବା ସହିତ ଏହାର କୌଣସି ସଂପର୍କ ନାହିଁ। ଯଦି ଘର ଲିଜ୍. ଭଡ଼ା ବା ଯୌଥ ପରିବାରର ଅଂଶ ହୋଇଥାଏ, ଯଥା ଶାଶୁ /ଶ୍ୱଶୁର ବା ମହିଳାଙ୍କ ବିବାହ ହୋଇଥିବା ଘରେ ଅନ୍ୟ କେହି ସଦସ୍ୟଙ୍କ ନାମରେ ଥାଏ ତାହାକୁ ମଧ୍ୟ ଭାଗିଦାରୀ ବିବେଚନା କରାଯିବ। ମହିଳା ଏହି ଘରେ ଉତ୍ତରଦାତାଙ୍କ ସହ ବୈବାହିକ ବା ସାମାଜିକ ସଂପର୍କରେ ରହିଥିବା ବା ରହୁଥିବା ପ୍ରମାଣ କରିବା ଆବଶ୍ୟକ।

## ୧୨. ଭାଗିଦାରୀ ଘରେ ରହିବାର ଅଧିକାର କ'ଣ ?

ଏହି ଆଇନ ପ୍ରତ୍ୟେକ ମହିଳା ଯିଏ ପାରିବାରିକ ସଂପର୍କ ସଂଜ୍ଞାରେ ଅନ୍ତର୍ଭୁକ୍ତ ତାକୁ ଭାଗିଦାରୀ ଘରେ ରହିବାର ଅଧିକାର ରହିଥାଏ। ପ୍ରତିପାଦିତ ଆଇନ ପ୍ରକ୍ରିୟା ବିନା ମହିଳାଙ୍କ ଭାଗିଦାରୀ ଦୃଷ୍ଟିରୁ ତାଙ୍କୁ ଗୃହରୁ ବିତାଡିତ କରାଯାଇ ପାରିବ ନହିଁ, ଯଦି ହିଂସା ବଜାୟ ରହିବାର ଭୟ ଥାଏ ତେବେ ନ୍ୟାୟାଳୟ ମହିଳାଙ୍କୁ ଅନ୍ୟତ୍ର ଅଧିକାର ସୁବିଧା କରିବା ପାଇଁ ବା ଉତ୍ତରଦାତାଙ୍କୁ ଘରୁ ବାହାରି ଅନ୍ୟତ୍ର ରହିବା ପାଇଁ ଆଦେଶ ଦେଇ ପାରନ୍ତି।

ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ଏହି ଆଇନ କେବଳ ମହିଳାଙ୍କୁ ଘରେ ରହିବାର ଅଧିକାର ଦେଇଥାଏ କିନ୍ତୁ ଘରର ମାଲିକାନା ସତ୍ତ୍ୱ ଦେଇ ନଥାଏ।

## ୧୩. ସୁରକ୍ଷା ପ୍ରଦାନକାରୀ କିଏ ? ପାରିବାରିକ ହିଂସା କ୍ଷେତ୍ରରେ ସୁରକ୍ଷା ପ୍ରଦାନକାରୀ ଅଧିକାରୀ ପୀଡ଼ିତାଙ୍କୁ କିଭଳି ସାହାଯ୍ୟ କରିପାରନ୍ତି ?

ସରକାରଙ୍କ ଦ୍ୱାରା, ପାରିବାରିକ ହିଂସା ସୁରକ୍ଷା ଆଇନ୍ ଅନ୍ତର୍ଭୁକ୍ତ ଚିହ୍ନିତ ଅଧିକାରୀମାନଙ୍କୁ ସୁରକ୍ଷା ଅଧିକାରୀ କୁହାଯାଏ। ଓଡ଼ିଶାର ଜିଲ୍ଲା ସ୍ତରରେ ଥିବା ଯୋଜନା ଅଧିକାରୀ (ଆଇ.ସି.ଡି.ଏସ୍. ଯୋଜନା ଅନ୍ତର୍ଭୁକ୍ତ)ଙ୍କୁ ସୁରକ୍ଷା ଅଧିକାରୀର ମାନ୍ୟତା ଦିଆଯାଇଛି। ପାରିବାରିକ ହିଂସାର ଶିକାର ମହିଳାଙ୍କୁ ଯତ୍ନ, ସୁରକ୍ଷା ଓ ଥଇଥାନ ଯୋଗାଇ ଦେବାର ଦାୟିତ୍ୱ ଏହି ଅଧିକାରୀଙ୍କୁ ଦିଆଯାଇଛି। ଏହି ଅଧିକାରୀ ପୀଡ଼ିତାଙ୍କୁ ସାହାଯ୍ୟ ସବୁ ପ୍ରଦାନ କରିବାରେ ମାଜିଷ୍ଟ୍ରେଟଙ୍କୁ ସହଯୋଗ କରିଥାଆନ୍ତି ଏବଂ ସ୍ଥାନୀୟ ପୋଲିସ ଓ ସେବା ପ୍ରଦାନକାରୀଙ୍କ ଦ୍ୱାରା ମିଳୁଥିବା ସାହାଯ୍ୟଗୁଡ଼ିକୁ ତାଲିକାଭୁକ୍ତ କରିଥାନ୍ତି।

## ୧୪. ସେବା ପ୍ରଦାନକାରୀ କିଏ ? ପାରିବାରିକ ହିଂସାର ଶିକାର ମହିଳାଙ୍କୁ ଏହା କି ପ୍ରକାରସେବା ଯୋଗାଇଥାଏ ?

ସେବା ପ୍ରଦାନକାରୀ ସରକାରଙ୍କ ଦ୍ୱାରା ଚିହ୍ନିତ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ବୁଝାଇ ଥାଏ, ଯାହା ଏହି ଆଇନ ପାଇଁ ସେବା ପ୍ରଦାନକାରୀ ଭାବରେ ଚିହ୍ନଟ ହୋଇଥାଏ। ସାମାଜିକ ହିଂସାର ଶିକାର ମହିଳାଙ୍କୁ ଯୋଗାଇ ଥିବା ସେବାଗୁଡ଼ିକ:

- ସ୍ୱଳ୍ପ ରହଣୀ ଘର/ ଆଶ୍ରୟଗୃହ
- ଚିକିତ୍ସା ସୁବିଧା
- ପରାମର୍ଶ ଦାତା

ଓଡ଼ିଶାରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଚିଠି ସଂଖ୍ୟା ୧୫୮୨୩ ତାରିଖ ୧୧.୦୯.୨୦୦୯ ଓ ୧୧.୦୮.୨୦୧୦ ରିଖ, ୧୫.୦୫.୨୦୦୭ ଦ୍ୱାରା ସମସ୍ତ ସ୍ୱଧାର ଗୃହ, ଉଜ୍ଜ୍ୱାଲା, ସ୍ୱଳ୍ପ ରହଣୀ ଘର ଓ ପରିବାର ବୁଝାମଣା କେନ୍ଦ୍ରଗୁଡ଼ିକୁ ସେବା ପ୍ରଦାନକାରୀ ହିସାବରେ ପରିପ୍ରକାଶ କରାଯାଇଛି ।

## ୧୫. ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ ଅନ୍ତର୍ଗତ କେଉଁ ସାହାଯ୍ୟ ଉପଲବ୍ଧ ?

ଏହି ଆଇନରେ ପାରିବାରିକ ହିଂସାରେ ଶିକାର ପୀଡ଼ିତାଙ୍କ ପାଇଁ ମାଜିଷ୍ଟ୍ରେଟଙ୍କ ଦ୍ୱାରା ମିଳୁଥିବା ସାହାଯ୍ୟ ସବୁ ନିମ୍ନରେ ଦିଆଯାଇଅଛି-

- ବାସସ୍ଥାନର ଆଦେଶ
- ସୁରକ୍ଷା ଆଦେଶ
- ଆର୍ଥିକ ସାହାଯ୍ୟ ଆଦେଶ
- ଭରଣପୋଷଣ କରିବାର ଆଦେଶ
- ପିଲାମାନଙ୍କୁ ରଖିବାର ଆଦେଶ
- ମଧ୍ୟବର୍ତ୍ତିକାଳୀନ ଓ ଏକ ପକ୍ଷ ଆଦେଶ

## ୧୬. ଯଦି କୌଣସି ମହିଳାଙ୍କର ସ୍ୱାମୀ ତାଙ୍କ କାର୍ଯ୍ୟର ପ୍ରକୃତି ହିସାବରେ ଘରୁ ଦୂରେଇ ରହୁଥାନ୍ତି ଓ ମହିଳା ଭାଗିଦାରୀ ଘରେ ହିଂସାର ଶିକାର ହେଉଥାନ୍ତି, ସେ କ୍ଷେତ୍ରରେ ଜଣେ ମହିଳା କଣ କରିବେ ?

ବିବାହ ପରେ ଜଣେ ମହିଳା ସ୍ୱାମୀ ବା ତାର ନିକଟ ସଂପର୍କୀୟ ପରିବାର ସଦସ୍ୟଙ୍କ ସହ ରହୁଥିବା ଘରକୁ ଭାଗିଦାରୀ ଘର କୁହାଯାଏ । ସ୍ୱାମୀ ବାହାରେ ରହିଲେ ମଧ୍ୟ ଏହାକୁ ଭାଗିଦାରୀ ଘର କୁହାଯିବ । ଭାଗିଦାରୀ ଘରର କୌଣସି ପୁରୁଷ ବା ମହିଳାଙ୍କ ବିରୁଦ୍ଧରେ ନ୍ୟାୟାଳୟ ତୁରନ୍ତ ହିଂସା ବନ୍ଦ କରିବାକୁ ଆଦେଶ ଦେଇପାରିବେ। ନ୍ୟାୟାଳୟ ସ୍ୱାମୀଙ୍କୁ ଅଲଗା ଘର ବା ରହୁଥିବା ଘରର ଏକ ଅଂଶ ମହିଳାଙ୍କ ରହିବା ପାଇଁ ନିର୍ଦ୍ଧିଷ୍ଟ କରିବା ପାଇଁ ଆଦେଶ ଦେଇପାରନ୍ତି ।

## ୧୭. ସ୍ୱଳ୍ପ ବୟସ୍କମାନେ ଏହି ଆଇନ ଦ୍ୱାରା ସାହାଯ୍ୟ ପାଇବା ପାଇଁ ଯୋଗ୍ୟ କି ?

ହଁ, ଯେହେତୁ ଶିଶୁ'ର ସଂଜ୍ଞା ଆଇନ ଦ୍ୱାରା ନିରୂପଣ କରାଯାଇଅଛି ତେଣୁ ଅପ୍ରାପ୍ତ ବୟସ୍କ ବ୍ୟକ୍ତିମାନେ ମଧ୍ୟ ପାରିବାରିକ ସଂପର୍କର ପରିଧି ମଧ୍ୟରେ ଆସୁଛନ୍ତି । ପାରିବାରିକ ହିଂସାରୁ ସୁରକ୍ଷା ଆଇନ୍ ଧାରା ୨ (ଖ) ଅନୁସାରେ ୧୮ ବର୍ଷ ବୟସରୁ କମ୍ ଯେ କୌଣସି ବ୍ୟକ୍ତିକୁ ଶିଶୁ ବୋଲି ବୁଝାଯାଏ, ଯେଉଁଥିରେ ପୋଷ୍ୟ, ସାବତ ବା ପାଳିତ ଶିଶୁମାନେ ମଧ୍ୟ ଅନ୍ତର୍ଭୁକ୍ତ ।

## ୧୮. ନ୍ୟାୟାଳୟର ଆଦେଶ ବା ଡି.ଆଇ.ଆର୍. ଆବେଦନ ବିନା ସୁରକ୍ଷା ଅଧିକାରୀ କିମ୍ବା ସେବା ପ୍ରଦାନକାରୀ ସାହାଯ୍ୟ ଯୋଗାଇ ପାରିବେ କି ?

ହଁ, ଜରୁରୀକାଳୀନ ପରିସ୍ଥିତି ଗୁଡ଼ିକରେ (ନିୟମ-୯) ଯଦି ସୁରକ୍ଷା ଅଧିକାରୀ ବା ସେବା ପ୍ରଦାନାକରୀ ଭରସା ଯୋଗ୍ୟ ସୂତ୍ରରୁ (ପୀଡିତା ବା ଅନ୍ୟ କୌଣସି ବ୍ୟକ୍ତି) ଠାରୁ ପାରିବାରିକ ହିଂସାର ସୂଚନା ପାଆନ୍ତି, ତେବେ ସେମାନେ ହିଂସା ଘଟିଥିବା ସ୍ଥାନକୁ ଯିବା ପାଇଁ ପୋଲିସର ତୁରନ୍ତ ସହଯୋଗ ମାଗିପାରନ୍ତି । ସେମାନେ ଡି.ଆଇ.ଆର୍.କୁ ଲିଖିତ ଆକାରରେ ରଖିବା ଆଶା କରାଯାଏ ଓ ଏହାକୁ ତୁରନ୍ତ ମାଜିଷ୍ଟ୍ରେଟଙ୍କ ପାଖରେ ଉପସ୍ଥାପନା କରି ସଠିକ୍ ଆଦେଶ ପାଇଁ ଅନୁରୋଧ କରିପାରିବେ ।

**୧୯. ଯଦି କୌଣସି ଅଞ୍ଚଳରେ ସୁରକ୍ଷା ଅଧିକାରୀ ବା ସେବା ପ୍ରଦାନକାରୀ ନଥାନ୍ତି ବା ମହିଳା କାର୍ଯ୍ୟାଳୟର ଅବଧି ପରେ ଏତଲା ଦେବା ପାଇଁ ଆବଶ୍ୟକ ପଡ଼େ, ସେ କ୍ଷେତ୍ରରେ ଜଣେ ମହିଳା କଣ କରିବେ ?**

ପାରିବାରିକ ହିଂସା ସୁରକ୍ଷା ଆଇନ ଅନୁସାରେ, ଏପରି ସ୍ଥିତିରେ ମହିଳା ନିଜେ ଡି.ଆଇ.ଆର୍ ଲେଖିବା ପାଇଁ ଓ ତାହାକୁ ମାଜିଷ୍ଟ୍ରେଟଙ୍କୁ ପଠାଇବା ପାଇଁ ପୋଲିସକୁ ଅନୁରୋଧ କରିପାରିବେ। ଜରୁରୀକାଳୀନ ପରିସ୍ଥିତିରେ ମହିଳା ବା ତାଙ୍କ ପାଇଁ ଅନ୍ୟ କେହି ହିଂସା ଘଟଣା ବିଷୟରେ ସୁରକ୍ଷା ଅଧିକାରୀଙ୍କୁ ଟେଲିଫୋନ୍, ଫ୍ୟାକ୍ସ ବା ଇମେଲ୍ ମାଧ୍ୟମରେ ମଧ୍ୟ ଜଣାଇ ପାରିବେ।

**୨୦. ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ ହେବା ପରେ ପାରିବାରିକ ହିଂସାର ଶିକାର କୌଣସି ମହିଳା ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮ (କ) (ବର୍ତ୍ତମାନ ସ୍ୱାମୀ ଓ ତାହାର ସଂପର୍କୀୟ) ର ସୁଯୋଗ ନେଇ ପାରିବେ କି ?**

ନିଜର ଅନ୍ତିମ ଲକ୍ଷ୍ୟକୁ ଭିତ୍ତିକରି ଆଇନ୍‌ର କେଉଁ ଧାରାଗୁଡ଼ିକୁ ନେଇ ଆଗେଇବେ ତାହା ନିର୍ଣ୍ଣୟ କରିବାର ସ୍ୱାଧୀନତା ଅଧିକାର ପାରିବାରିକ ହିଂସାରେ ପୀଡ଼ିତା ମହିଳାମାନଙ୍କର ରହିଛି। ପି.ଡବ୍ଲ୍ୟୁ.ଡି.ଭି. ଆଇନ୍ ୨୦୦୫ରେ ଥିବା ଧାରା /ସୁବିଧାଗୁଡ଼ିକ ପ୍ରଚଳିତ ଆଇନ୍ ସମୁହ ଯଥା ଭାରତୀୟ ପିଙ୍ଗଳ କୋଡ଼ (ଆଇ.ପି.ସି.)ର ୪୯୮(କ) ସହିତ ମଧ୍ୟ ବିଚାର କରାଯାଏ।

**୨୧. ପାରିବାରିକ ହିଂସା ସୁରକ୍ଷା ଆଇନ ଅଧୀନରେ ପାରିବାରିକ ହିଂସା କ୍ଷେତ୍ରରେ ପୋଲିସର କିଛି ଭୂମିକା ରହିଛି କି ?**

ହଁ, ଯଦି ପାରିବାରିକ ହିଂସା ଘଟିଥାଏ ତେବେ ପୋଲିସ ତୁରନ୍ତ ପଦକ୍ଷେପ ନେବା ଆଶା କରାଯାଏ ଏବଂ ପି.ଡବ୍ଲ୍ୟୁ. ଡି.ଭି. ଆଇନରେ ଥିବା ସୁରକ୍ଷା, ଚିକିତ୍ସା, ଏଫ.ଆଇ.ଆର୍ ଦେବା, ସୁରକ୍ଷା ଓ ସେବା ଅଧିକାରୀଙ୍କ ସହ ଯୋଗାଯୋଗ କରି ରହିବାର ବ୍ୟବସ୍ଥା ପାଇଁ ତଥା ମାଜିଷ୍ଟ୍ରେଟଙ୍କ ଠାରୁ ଆଇନଗତ ସାହାଯ୍ୟ ପାଇବା ପାଇଁ କାର୍ଯ୍ୟ କରିବାରେ ମଧ୍ୟ ସହଯୋଗ କରିବା ଆଶା କରାଯାଏ।

**୨୨. ଯେହେତୁ ପାରିବାରିକ ହିଂସା ସୁରକ୍ଷା ଆଇନ୍ ଏକ ସାମାଜିକ ଆଇନ୍, କ୍ରିମିନାଲ ନୁହେଁ, ପୋଲିସ ମହିଳାଙ୍କୁ ସହଯୋଗ ପାଇଁ ମନା କରିପାରିବେ କି ?**

ଯଦି ମହିଳା ପାରିବାରିକ ହିଂସା ସୁରକ୍ଷା ଆଇନ ଅଧୀନରେ ଏତଲା ଦାୟର କରିଥାଆନ୍ତି, ପୋଲିସ ସାହାଯ୍ୟ ପାଇଁ ମନା କରି ପାରିବେ ନାହିଁ। ଯଦି ଆବେଦନ କରାଯାଏ, ପୋଲିସ ଆଇନର ବ୍ୟବହାର ପାଇଁ ଉପଦେଶ ଓ ସହଯୋଗ (୪୯୮-କ, ଆଇ.ପି.ସି (ଧାରା-୫) କୁ ବ୍ୟବହାର କରିବା ପାଇଁ ସୂଚନା ଦେବେ।

**୨୩. ପାରିବାରିକ ହିଂସା ଘଟିଥିବା ପ୍ରମାଣିତ କରିବା ପାଇଁ ମହିଳା କଣ ପ୍ରମାଣ ଦେବେ ?**

- କ୍ରିମିନାଲ ଆଇନ ପରି ପାରିବାରିକ ହିଂସା ସୁରକ୍ଷା ଆଇନ ଲାଗୁ ପାଇଁ ନିର୍ଦ୍ଦିଷ୍ଟ ପ୍ରମାଣର ଆବଶ୍ୟକତା ନାହିଁ। ପ୍ରାଥମିକ ସ୍ତରରେ ମାଜିଷ୍ଟ୍ରେଟଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବା ଓ ପୀଡ଼ିତାଙ୍କୁ ସୁରକ୍ଷା ଦେବା ପାଇଁ ଡି.ଆଇ.ଆର୍. ଯଥେଷ୍ଟ, ମାଜିଷ୍ଟ୍ରେଟ ଏତଲା ଉପରେ ଅଧିକ ତଥ୍ୟ ପାଇଁ ସୁରକ୍ଷା ଅଧିକାରୀଙ୍କ ସାହାଯ୍ୟ ନେଇ ପାରିନ୍ତି।

**୨୪. ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ ଅନ୍ତର୍ଗତ ଦରଖାସ୍ତ ଉପରେ ପଦକ୍ଷେପ ନେବା ପାଇଁ କେତେ ସମୟ ଆବଶ୍ୟକ ?**

ପାରିବାରିକ ହିଂସା ସୁରକ୍ଷା ଆଇନ୍ ଅନ୍ତର୍ଗତ କୌଣସି ଦରଖାସ୍ତ /ଏତଲା ଉପରେ ୩ ଦିନ ମଧ୍ୟରେ ନୋଟିସ ଫେରସ୍ତ ହେବ। ଯଦିଓ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ ତଥାପି ପ୍ରଥମ ଶୁଣାଣି ଠାରୁ ୬୦ ଦିନ ମଧ୍ୟରେ ଏତଲାକୁ ରଫାଦଫା କରିବା ପାଇଁ ମାଜିଷ୍ଟ୍ରେଟ ଚେଷ୍ଟା କରିବେ।

**୨୫. ପାରିବାରିକ ହିଂସାରେ ମାଜିଷ୍ଟ୍ରେଟ ପୀଡ଼ିତାଙ୍କୁ କ୍ଷତିପୂରଣ ସାହାଯ୍ୟର ଆଦେଶ ଦେଇ ପାରିବେ କି ?**

ସାମାଜିକ ହିଂସା କ୍ଷେତ୍ରରେ ଅନ୍ୟାନ୍ୟ ଆର୍ଥିକ ସାହାଯ୍ୟ ସହ ପୀଡ଼ିତାଙ୍କ ଶାରୀରିକ କ୍ଷତ, ମାନସିକ ଶୋଷଣ ଓ ମାନସିକ ନିର୍ଯ୍ୟାତନାଜନିତ କ୍ଷତି ଯୋଗୁଁ ଭରଣା କରିବା ପାଇଁ ମାଜିଷ୍ଟ୍ରେଟ ଆଦେଶ ଦେଇପାରନ୍ତି।

**୨୬. କଣ ହେବ ଯଦି ପାରିବାରିକ ହିଂସା ସୁରକ୍ଷା ଆଇନ ଅନ୍ତର୍ଗତ ନ୍ୟାୟାଳୟର ନିର୍ଦ୍ଦେଶକୁ ପାଳନ କରାନଯାଏ ବା କୌଣସି ବ୍ୟକ୍ତି ନିର୍ଦ୍ଦେଶକୁ ଭଙ୍ଗ କରନ୍ତି।**

ଯଦି ହିଂସା ଘଟାଇଥିବା ବ୍ୟକ୍ତି ମାଜିଷ୍ଟ୍ରେଟଙ୍କ ଦ୍ୱାରା ଦିଆଯାଇଥିବା ଆଦେଶକୁ ଅମାନ୍ୟ ବା ଭଙ୍ଗ କରନ୍ତି, ତେବେ ସେ ଟ.୨୦,୦୦୦ଙ୍କ କିମ୍ବା ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ ହୋଇପାରିବେ।

**୨୭. ମାଜିଷ୍ଟ୍ରେଟଙ୍କ ଦ୍ୱାରା ପାରିବାରିକ ହିଂସା ସୁରକ୍ଷା ଆଇନ ଅନ୍ତର୍ଗତ ଆଦେଶକୁ ସୁରକ୍ଷା ଅଧିକାରୀମାନେ ଯଦି ପାଳନ ନକରନ୍ତି, କ'ଣ ହେବ ?**

ସୁରକ୍ଷା ଅଧିକାରୀ ଯଦି କୌଣସି ଯୁକ୍ତିଯୁକ୍ତ କାରଣ ନ ଦର୍ଶାଇ ମାଜିଷ୍ଟ୍ରେଟଙ୍କ ଆଦେଶକୁ ପାଳନ କରିବାରେ ଅସମର୍ଥ /ମନା କରନ୍ତି ତେବେ ଟ.୨୦,୦୦୦ଙ୍କା କିମ୍ବା ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ ହୋଇପାରିବେ।

**୨୮. ଘରୋଇ ନିର୍ଯ୍ୟାତନା ରିପୋର୍ଟ କଣ ? (ଡି.ଆଇ.ଆର୍)**

ଘରୋଇ ନିର୍ଯ୍ୟାତନା ରିପୋର୍ଟ ମାନେ, ଘରୋଇ ହିଂସାରେ ଉତ୍ପୀଡିତା ମହିଳାଙ୍କ ଅଭିଯୋଗ, ସୁରକ୍ଷା ଅଧିକାରୀ କିମ୍ବା ସେବାପ୍ରଦାନକାରୀଙ୍କ ଦ୍ୱାରା ପି.ଡବ୍ଲ୍ୟୁ.ଡି.ଭି ଅନ୍ତର୍ଭୁକ୍ତ ଫର୍ମ-୧ରେ ଲିଖିତ ଏବଂ ଦରଖାସ୍ତ ଥିବା ରିପୋର୍ଟ।

**୨୯. ମାଜିଷ୍ଟ୍ରେଟଙ୍କ ନିକଟରେ ସିଧା ଅଭିଯୋଗ କଲେ ରିପୋର୍ଟ କିଏ ପ୍ରସ୍ତୁତ କରନ୍ତି ?**

ମାଜିଷ୍ଟ୍ରେଟଙ୍କ ନିକଟରେ ସିଧା ଅଭିଯୋଗ ହେଲେ, ସେ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଧାରିତ ଏଲ୍-୧ ଫର୍ମରେ ପୀଡିତାଙ୍କ ଅଭିଯୋଗ ଦରଜ କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି।

**୩୦. ଡି.ଆଇ.ଆର୍. ଅଭିଯୋଗ ପ୍ରାପ୍ତ ପରେ କଣ କରାଯିବା ଆବଶ୍ୟକ ?**

ଡି.ଆଇ.ଆର୍. ଅଭିଯୋଗ ପରେ ସୁରକ୍ଷା ଅଧିକାରୀ ଏହାର ନକଲ ମାଜିଷ୍ଟ୍ରେଟ, ସ୍ଥାନୀୟ ଥାନା, ସ୍ୱାସ୍ଥ୍ୟସେବା କେନ୍ଦ୍ର ଓ ଆଶ୍ରୟଗୃହକୁ ପଠାଇଥାନ୍ତି।

**୩୧. ଘରୋଇ ହିଂସାରେ ନିର୍ଯ୍ୟାତିତା ମାଜିଷ୍ଟ୍ରେଟଙ୍କ ନିକଟରେ ପି.ଡବ୍ଲ୍ୟୁ.ଡି.ଭି. ଆଇନ୍‌ଭୁକ୍ତ ଡି.ଆଇ.ଆର୍. ଅଭିଯୋଗ ବିନା ନକଲ ସଂଯୋଗ କରି ଦାଖଲ କରି ପାରିବେ କି ?**

ହଁ, ନିର୍ଯ୍ୟାତିତା ଡି.ଆଇ.ଆର୍. ନକଲ ବିନା ପି.ଡବ୍ଲ୍ୟୁ.ଡି.ଭି ଆଇନ ଆନ୍ତର୍ଭୁକ୍ତ ଆଇନ ଅନୁଯାୟୀ ମାଜିଷ୍ଟ୍ରେଟଙ୍କୁ ଅଭିଯୋଗ କରିପାରିବେ। ଅଭିଯୋଗ ପ୍ରାପ୍ତ ହେଲେ ମାଜିଷ୍ଟ୍ରେଟ ସୁରକ୍ଷା ଅଧିକାରୀଙ୍କୁ ଉତ୍ପୀଡିତାଙ୍କ ସୂଚନା ମୁତାବକ ଡି.ଆଇ.ଆର୍. ପଞ୍ଜିକରଣ ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥାନ୍ତି।

**୩୨. କୌଣସି ଘରୋଇ ହିଂସାର ପୀଡ଼ିତା କିମ୍ବା ତାଙ୍କ ତରଫରୁ କୌଣସି ଆଇନଜୀବୀ ଡି.ଆଇ.ଆର୍ ଦାଖଲ କରିପାରିବେ କି ?**

ନାଁ, ଘରୋଇ ହିଂସାର ପୀଡ଼ିତା କିମ୍ବା ତାଙ୍କ ତରଫରୁ କୌଣସି ଆଇନଜୀବୀ ଡି.ଆଇ.ଆର୍. ଦାଖଲ କରି ପାରିବେ ନାହିଁ। ପି.ଡବ୍ଲ୍ୟୁ.ଡି.ଭି. ଆଇନ ଅନ୍ତର୍ଭୁକ୍ତ ସୁରକ୍ଷା ଅଧିକାରୀ କିମ୍ବା ସେବାଧିକାରୀ ଡି.ଆଇ.ଆର୍ ଲିପିବଦ୍ଧ କରିପାରିବେ। ଯଦି ସେବା ଅଧିକାରୀ ଡି.ଆଇ.ଆର୍ ଫର୍ମ ପୂରଣ କରନ୍ତି ତାହା ସୁରକ୍ଷା ଅଧିକାରୀଙ୍କୁ ଅବଶ୍ୟ ପଠାଇବେ।

**୩୩. ମାଜିଷ୍ଟ୍ରେଟଙ୍କ ଦ୍ୱାରା ଘରୋଇ ହିଂସା ଉତ୍ପୀଡ଼ନ ମାମଲା ଶୁଣାଣି ବେଳେ ଅଭିଯୁକ୍ତଙ୍କ ନିକଟକୁ ନୋଟିସ୍ କିଏ ପଠାନ୍ତି ?**

ମାଜିଷ୍ଟ୍ରେଟଙ୍କ ଦ୍ୱାରା ଶୁଣାଣି ପାଇଁ ସୁରକ୍ଷା ଅଧିକାରୀ ଅଭିଯୁକ୍ତଙ୍କ ନିକଟକୁ ନୋଟିସ୍ ପଠାନ୍ତି।

**୩୪. ଘରୋଇ ହିଂସା ନିର୍ଯ୍ୟାତିତା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ ଚିକିତ୍ସା ରିପୋର୍ଟର ନକଲ ପାଇପାରିବେ କି ?**

ହଁ, ପି.ଡ଼ବ୍ଲ୍ୟୁ.ଡି.ଭି. ଆଇନ ଅନ୍ତର୍ଗତ ଘୋଷଣା କରାଯାଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଘରୋଇ ହିଂସା ପାଇଁ ହୋଇଥିବା ଯେ କୌଣସି କ୍ଷତ ପାଇଁ ପୀଡ଼ିତାଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲେ ମେଡ଼ିକାଲ ସାର୍ଟିଫିକେଟ୍‌ର ନକଲ ମାଗଣାରେ ଦିଆଯାଇଥାଏ।

**୩୫. ପାରିବାରିକ ହିଂସା ସୁରକ୍ଷା ଆଇନ ଅନୁଯାୟୀ ପୀଡିତାଙ୍କ ମାର୍ଫତରେ ରହିବାକୁ ଦିଆଯାଇଥିବା ସନ୍ତାନ ସନ୍ତତିଙ୍କ ଅଧିକାର ସବୁଦିନ ପାଇଁ କି ?**

ନା, ପୀଡିତାଙ୍କ ମାର୍ଫତରେ ଥିବା ଶିଶୁମାନେ କିଛି ଦିନ ପାଇଁ ରହିବେ। ସିଭିଲ୍ କୋର୍ଟଙ୍କ ବିଚାର ପରେ ଶିଶୁମାନଙ୍କୁ କିଏ ରଖିବ ଜଣାଇ ଦିଆଯାଇଥାଏ।

**୩୬. ଯଦି ଘରୋଇ ହିଂସା ନିର୍ଯ୍ୟାତିତା ଏଫ.ଆଇ.ଆର୍. ଦରଜ କରିବାକୁ ରାଜି ନ ହୁଅନ୍ତି ତେବେ ଆରକ୍ଷୀ ଅଧିକାରୀ କଣ କରିବା ଉଚିତ୍ ?**

ଯେଉଁ କ୍ଷେତ୍ରରେ ପୀଡ଼ିତା ଏଫ୍.ଆଇ.ଆର୍. ଦେବାକୁ ଇଚ୍ଛା କରୁନଥିବେ, ସେ କ୍ଷେତ୍ରରେ, ଆରକ୍ଷୀ ଅଧିକାରୀ ଘରୋଇ ହିଂସାର ଘଟଣାଟି ଦୈନିକ ଖାତାରେ ଲିପିବଦ୍ଧ କରିବେ ଏବଂ ଏହା ମତାମତ ରଖିବେ ଯେ- ପୀଡ଼ିତା ଏଫ୍.ଆଇ.ଆର୍. ଦେବାକୁ ରାଜି ନହୋଇ ଆପୋଷ ସମାଧାନ ପାଇଁ ଇଚ୍ଛା କରୁଥିବାରୁ ଏଫ୍.ଆଇ.ଆର୍.କୁ ସାମୟିକ ସ୍ଥଗିତ ରଖି ଏଫ୍.ଆଇ.ଆର୍ ପୂର୍ବରୁ ଏକ ଉପଯୁକ୍ତ ତଦନ୍ତ କରାଯାଉ।

**୩୭. ନିର୍ଯ୍ୟାତିତା /ସୂଚନା ପ୍ରଦାନକାରୀ, ତାଙ୍କ ଦ୍ୱାରା ହୋଇଥିବା ଅଭିଯୋଗର ନକଲ ସୁରକ୍ଷା ଅଧିକାରୀଙ୍କ ଠାରୁ ପାଇ ପାରିବେ କି ?**

ହଁ, ସୁରକ୍ଷା ଅଧିକାରୀ ପାରିବାରିକ ହିଂସା ସୁରକ୍ଷା ଆଇନ ଅନୁଯାୟୀ ଅଭିଯୋଗକାରୀଙ୍କୁ ଡି.ଆଇ.ଆର୍. ନକଲ ପ୍ରଦାନ କରିବେ।

**୩୮. ପାରିବାରିକ ହିଂସା ସୁରକ୍ଷା ଆଇନ୍ ଅନୁଯାୟୀ ମାଜିଷ୍ଟ୍ରେଟ ଏକ ତରଫା ବିଚାର କରିପାରିବେ କି ?**

ହଁ, ଯଦି ଉପସ୍ଥାପିତ ଦସ୍ତାବିଜରୁ ଉତ୍ପୀଡ଼ନ /ଭବିଷ୍ୟତରେ ସମ୍ଭାବ୍ୟ ଘରୋଇ ଉତ୍ପୀଡନର ହୃଦବୋଧ ହୁଏ ମାଜିଷ୍ଟ୍ରେଟ ଏକ ତରଫା ଆଦେଶ ଦେଇପାରିବେ। ଏକ ତରଫା ବିଚାର ପାଇଁ ଫର୍ମ -୧୧୧ ରେ ଘୋଷଣା ଦରକାର।

**୩୯. ପାରିବାରିକ ହିଂସା ଉତ୍ପୀଡ଼ିତାଙ୍କ ଠିକଣା, ସୁରକ୍ଷା ଗୃହରେ ଅବସ୍ଥାନ ସମୟରେ ଗୋପନ ରଖାଯିବ କି ?**

ହଁ, ଉତ୍ପୀଡ଼ିତାଙ୍କ ଅନୁରୋଧରେ ତାଙ୍କର ପରିଚୟ ଗୋପନ ରଖାଯିବ ଏବଂ ଅଭିଯୁକ୍ତମାନଙ୍କୁ ଜଣାଯିବ ନାହିଁ।

**୪୦. ଡି.ଆଇ.ଆର୍. ନଥିବା /କରାଯାଇ ନଥିବାରୁ ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ ଅନୁସାରେ ଉଦ୍ଦିଷ୍ଟ ଚିକିତ୍ସା ସଂସ୍ଥା ପୀଡିତାଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରିପାରିବେ କି ?**

ନା, ପାରିବାରିକ ହିଂସା ସୁରକ୍ଷା ଆଇନ୍ ଅନୁଯାୟୀ କୌଣସି ଘୋଷିତ ଚିକିତ୍ସା ସଂସ୍ଥା ଡି.ଆଇ.ଆର୍ ନଥିବା / ହୋଇନଥିବା କାରଣରୁ ପୀଡ଼ିତାଙ୍କୁ ଚିକିତ୍ସାରୁ ବଞ୍ଚିତ କରିପାରିବେ ନାହିଁ।